## ଚତୁର୍ଥ ଅଧ୍ୟାୟ

# ଆମ ଦେଶ ଓ ଆମ ରାଜ୍ୟ

### (କ) ଆମ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ


ଆମ ଦେଶ ଭାରତ **୨୯** ଟି **ରାଜ୍ୟ** ଓ **୭**ଟି **କେନ୍ଦ୍ର ଶାସିତ ଅଞ୍ଚଳ**କୁ ନେଇ ଗଠିତ ।


ମାନଚିତ୍ରରେ ଆମ ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦର୍ଶାଯାଇଅଛି । ସେଗୁଡ଼ିକ ହେଲା :

୧. ଓଡ଼ିଶା
୨. ବିହାର
୩. ପଶ୍ଚିମବଙ୍ଗ
୪. ଝାଡ଼ଖଣ୍ଡ
୫. ଆସାମ
୬. ସିକିମ୍
୭. ଅରୁଣାଚଳ ପ୍ରଦେଶ
୮. ସୀମାନ୍ଧ୍ର
୯. କେରଳ
୧୦. ତାମିଲନାଡୁ
୧୧. କର୍ଣ୍ଣାଟକ
୧୨. ମହାରାଷ୍ଟ୍ର
୧୩. ଗୋଆ
୧୪. ମଧ୍ୟ ପ୍ରଦେଶ
୧୫. ଛତିଶଗଡ଼
୧୬. ମିଜୋରାମ
୧୭. ମଣିପୁର
୧୮. ନାଗାଲାଣ୍ଡ
୧୯. ମେଘାଳୟ
୨୦. ତ୍ରିପୁରା
୨୧. ଜାମ୍ମୁ ଓ କାଶ୍ମୀର
୨୨. ହିମାଚଳ ପ୍ରଦେଶ
୨୩. ପଞ୍ଜାବ
୨୪. ହରିଆନା
୨୫. ଉତ୍ତର ପ୍ରଦେଶ
୨୬. ଉତ୍ତରାଞ୍ଚଳ
୨୭. ରାଜସ୍ଥାନ
୨୮. ଗୁଜୁରାଟ
୨୯. ତେଲେଙ୍ଗାନା

ଆମ ଦେଶର କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ହେଉଛି :

୧. ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ
୨. ଦାଦ୍ରା ଓ ନଗର ହାବେଳୀ
୩. ପୁଦୁଚେରୀ
୪. ଡାମନ ଓ ଡିଉ
୫. ଲାକ୍ଷାଦ୍ୱୀପ
୬. ଚଣ୍ଡୀଗଡ଼
୭. ଦିଲ୍ଲୀ (ଜାତୀୟ ରାଜଧାନୀ ଅଂଚଳ)





# ଭାରତ : ରାଜନୈତିକ




N
ଜାମ୍ମୁ ଓ କାଶ୍ମୀର
ପଞ୍ଜାବ
ପାକିସ୍ତାନ
ହରିଆଣା
ହିମାଳୟ ପର୍ବତମାଳା
ନେପାଳ
ରାଜସ୍ଥାନ
ଉତ୍ତରପ୍ରଦେଶ
ବିହାର
ସିକିମ୍
ଭୁଟାନ
ଅରୁଣାଚଳ ପ୍ରଦେଶ
ଆସାମ
ନାଗାଲାଣ୍ଡ
ମେଘାଳୟ
ମଣିପୁର
ମିଆଁମାର
ବାଂଲାଦେଶ
ତ୍ରିପୁରା
ମିଜୋରାମ
ଗୁଜରାଟ
ଭୋପାଳ
ମଧ୍ୟପ୍ରଦେଶ
ଛତିଶଗଡ଼
ଝାଡ଼ଖଣ୍ଡ
ପଶ୍ଚିମବଙ୍ଗ
ଓଡ଼ିଶା
ମହାରାଷ୍ଟ୍ର
ହାଇଦ୍ରାବାଦ
ତେଲେଙ୍ଗାନା
କର୍ଣ୍ଣାଟକ
ଆନ୍ଧ୍ରପ୍ରଦେଶ
କେରଳ
ତାମିଲନାଡୁ
ଆରବ ସାଗର
ଲାକ୍ଷାଦ୍ୱୀପ
ବଙ୍ଗୋପ ସାଗର
ଆଣ୍ଡାମାନ ଓ ନିକୋବର
ଦ୍ୱୀପପୁଞ୍ଜ
ଶ୍ରୀଲଙ୍କା
ଭାରତ ମହାସାଗର
0
1000 km

ମାନଚିତ୍ର ଦେଖି ଲେଖ :

- ଆମ ଦେଶର ପୂର୍ବ ଭାଗରେ ଥିବା ରାଜ୍ୟଗୁଡ଼ିକ ହେଉଛି ______________________
- ଆମ ଦେଶର ଦକ୍ଷିଣ ଭାଗରେ ଥିବା ରାଜ୍ୟଗୁଡ଼ିକ ହେଉଛି ______________________
- ଆମ ଦେଶର ଉତ୍ତର ଭାଗରେ ଥିବା ରାଜ୍ୟଗୁଡ଼ିକ ହେଉଛି ______________________
- ଆମ ଦେଶର ପଶ୍ଚିମ ଭାଗରେ ଥିବା ରାଜ୍ୟଗୁଡ଼ିକ ହେଉଛି ______________________
- ଚଣ୍ଡୀଗଡ଼ ଚାରିପଟେ କେଉଁ ରାଜ୍ୟ ରହିଛି ? ______________________
- ପୁଦୁଚେରୀକୁ ଲାଗି କେଉଁ ରାଜ୍ୟ ଅଛି ? ______________________
- ଭାରତର ଦକ୍ଷିଣରେ କେଉଁ ମହାସାଗର ଅଛି ? ______________________
- ଡାମନ, ଜିଉ କେଉଁ ରାଜ୍ୟକୁ ଲାଗି ରହିଛି ? ______________________
- ଆଣ୍ଡାମାନ, ନିକୋବର କେଉଁ ସାଗରରେ ଅବସ୍ଥିତ ? ______________________

**❖ ଭାରତ ମାନଚିତ୍ର ଦେଖି ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ରାଜଧାନୀଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।**



## (ଖ) ଆମ ରାଜ୍ୟର ଅବସ୍ଥିତି

ଆମ ରାଜ୍ୟର ନାମ ଓଡ଼ିଶା । ଏହା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ । ଏହି ରାଜ୍ୟ **୩୦** ଟି ଜିଲାକୁ ନେଇ ଗଠିତ ।




ମାନଚିତ୍ରରେ ଆମ ରାଜ୍ୟର ଜିଲାଗୁଡ଼ିକ ଦର୍ଶାଯାଇଅଛି । ସେଗୁଡ଼ିକ ହେଲା :

| | | | | | |
|---|---|---|---|---|---|
| ୧. | ଅନୁଗୁଳ | ୧୧. | ଗଞ୍ଜାମ | ୨୧. | ମାଲକାନଗିରି |
| ୨. | ବାଲେଶ୍ୱର | ୧୨. | ଜଗତସିଂହପୁର | ୨୨. | ମୟୁରଭଞ୍ଜ |
| ୩. | ବରଗଡ଼ | ୧୩. | ଯାଜପୁର | ୨୩. | ନବରଙ୍ଗପୁର |
| ୪. | ଭଦ୍ରକ | ୧୪. | ଝାରସୁଗୁଡ଼ା | ୨୪. | ନୟାଗଡ଼ |
| ୫. | ବଲାଙ୍ଗୀର | ୧୫. | କଳାହାଣ୍ଡି | ୨୫. | ନୂଆପଡ଼ା |
| ୬. | ବୌଦ | ୧୬. | କନ୍ଧମାଳ | ୨୬. | ପୁରୀ |
| ୭. | କଟକ | ୧୭. | କେନ୍ଦ୍ରାପଡ଼ା | ୨୭. | ରାୟଗଡ଼ା |
| ୮. | ଦେଓଗଡ଼ | ୧୮. | କେନ୍ଦୁଝର | ୨୮. | ସମ୍ବଲପୁର |
| ୯. | ଢେଙ୍କାନାଳ | ୧୯. | ଖୋର୍ଦ୍ଧା | ୨୯. | ସୁବର୍ଣ୍ଣପୁର |
| ୧୦. | ଗଜପତି | ୨୦. | କୋରାପୁଟ | ୩୦. | ସୁନ୍ଦରଗଡ଼ |

(ଶିକ୍ଷକଙ୍କ ପାଇଁ ସୂଚନା : ଶିକ୍ଷକ ଶ୍ରେଣୀରେ ଶିକ୍ଷାର୍ଥୀଙ୍କୁ ଓଡ଼ିଶାର ମାନଚିତ୍ରକୁ ଦେଖାଇବେ ଓ ଜିଲ୍ଲା ଗୁଡ଼ିକୁ ଚିହ୍ନାଇବା ପାଇଁ କହିବେ ।)

## (ଗ) ପ୍ରାକୃତିକ ଗଠନ ଓ ଜଳବାୟୁ

ଆମ ରାଜ୍ୟ ଓଡ଼ିଶାର  ଭୂମିରୂପ ବିଭିନ୍ନ ପ୍ରକାରର । ଏହି ଭୂମିରୂପ ଅନୁଯାୟୀ ଆମ ରାଜ୍ୟକୁ ତିନୋଟି ପ୍ରାକୃତିକ ଅଞ୍ଚଳରେ ବିଭକ୍ତ କରାଯାଇଛି । ଯଥା -  (୧) ପାର୍ବତ୍ୟ ଅଞ୍ଚଳ, (୨) ମାଳ ଅଞ୍ଚଳ, (୩) ସମତଳ ଅଞ୍ଚଳ

### ପାର୍ବତ୍ୟ ଅଞ୍ଚଳ

ମୟୂରଭଞ୍ଜ, କୋରାପୁଟ ଓ ରାଜ୍ୟର ମଧ୍ୟ ଭାଗରେ ଥିବା କେତେକ ଜିଲାର ପାହାଡ଼ିଆ ଭୂମି ଓ ପର୍ବତକୁ ନେଇ ପାର୍ବତ୍ୟ ଅଞ୍ଚଳ ଗଠିତ । ପର୍ବତମାନଙ୍କ ମଧ୍ୟରେ କୋରାପୁଟ ଜିଲାର **ଦେଓମାଳି** ଓଡ଼ିଶାର ଉଚ୍ଚତମ ପର୍ବତ ।

### ମାଳ ଅଞ୍ଚଳ

ଓଡ଼ିଶାର ପଶ୍ଚିମ ଭାଗରେ ଥିବା ଉଚ୍ଚ ଭୂମିକୁ ନେଇ ମାଳ ଅଞ୍ଚଳ ଗଠିତ ହୋଇଛି । ଏହି ଅଞ୍ଚଳ ଉତ୍ତର-ପୂର୍ବରୁ ଦକ୍ଷିଣ-ପଶ୍ଚିମ ଆଡ଼କୁ ଗଡ଼ାଣିଆ । ଏହି ଅଂଚଳର ସ୍ଥାନେ ସ୍ଥାନେ ଉଚ୍ଚ ପାହାଡ଼ ମଧ୍ୟ ରହିଅଛି ।

### ସମତଳ ଅଞ୍ଚଳ

ସମୁଦ୍ର ଉପକୂଳବର୍ତ୍ତୀ ଜିଲାମାନଙ୍କରେ ସମତଳ ଅଞ୍ଚଳ ଦେଖାଯାଏ । ଏହି ଅଞ୍ଚଳର ମାଟି ଅଧିକ ଉର୍ବର ହେତୁ ଏଠାରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯାଏ ।

### ଜଳବାୟୁ


ଆମ ରାଜ୍ୟର ସମୁଦ୍ରକୂଳିଆ ଅଂଚଳର ଜଳବାୟୁ ଅଧିକ ଗରମ କିମ୍ବା ଅଧିକ ଥଣ୍ଡା ନୁହେଁ। କାରଣ ସମୁଦ୍ରର ପ୍ରଭାବ ଏହି ଅଂଚଳରେ ପଡ଼ିଥାଏ; କିନ୍ତୁ ଏଠାରେ ଜଳବାୟୁର ଆର୍ଦ୍ରତା ବେଶୀ। ମାଳ ଅଂଚଳରେ ଖରାଦିନେ ଅଧିକ ଗରମ ଓ ଶୀତଦିନେ ଅଧିକ ଥଣ୍ଡା ହୁଏ । ପାର୍ବତ୍ୟ ଅଂଚଳରେ ଖରାଦିନେ କମ୍ ଗରମ ଓ ଶୀତଦିନେ ଅଧିକ ଥଣ୍ଡା ଲାଗେ । ପାର୍ବତ୍ୟ ଅଞ୍ଚଳ ଓ ମାଳଅଞ୍ଚଳର ଜଳବାୟୁ ସାଧାରଣତଃ ଶୁଷ୍କ । ମୌସୁମୀ ବାୟୁ ପ୍ରବାହରେ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଥାଏ। ସବୁ ଅଂଚଳରେ ବର୍ଷା ସମାନ ହୁଏ ନାହିଁ। ସାଧାରଣତଃ କମ୍ ବର୍ଷା ହେଉଥିବା ଅଂଚଳରେ ମରୁଡ଼ି ହୋଇଥାଏ।




ତୁମ ଅଞ୍ଚଳର ଜଳବାୟୁ କିପରି ତଳ କୋଠରୀ ପୂରଣ କର । ଆବଶ୍ୟକ ହେଲେ ପିତାମାତା ଓ ଶିକ୍ଷକଙ୍କଠାରୁ ପଚାରି ବୁଝି ଲେଖ ।

**ତୁମ ଅଞ୍ଚଳ (ଜିଲା)ର ନାମ :**____________________

| ଜଳବାୟୁ | ବେଶୀହୁଏ | କମ୍ ହୁଏ | ଆଦୌ ହୁଏନାହିଁ |
|---|---|---|---|
| ବର୍ଷା | | | |
| ଗରମ | | | |
| ଶୀତ | | | |





# ଅଭ୍ୟାସ

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

କ) ଆମ ଦେଶରେ ____________ ଟି ରାଜ୍ୟ ଅଛି । ( ୨୫, ୨୭, ୨୮, ୩୦ )

ଖ) ଆମ ଦେଶରେ ____________ ଟି କେନ୍ଦ୍ରଶାସିତ ଅଞ୍ଚଳ ଅଛି । ( ୫, ୭, ୯, ୧୧ )

୨. କୋଠରୀ ମଧରୁ କେବଳ କେନ୍ଦ୍ର ଶାସିତ ଅଞ୍ଚଳର ନାମ ବାଛି ପାଖ କୋଠରୀରେ ଲେଖ ।

| | |
|---|---|
| ଓଡ଼ିଶା, ଦିଲ୍ଲୀ, ହରିଆନା, ଲାକ୍ଷାଦ୍ୱୀପ, ଗୋଆ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ମେଘାଳୟ, ଡାମନ ଓ ଡିଉ, ମଣିପୁର, ଦାଦ୍ରା ଓ ନଗର ହାବେଳି, ଚଣ୍ଡୀଗଡ଼, କେରଳ, ପୁଦୁଚେରୀ, ଛତିଶଗଡ଼ | |

୩. ଉତ୍ତର ଲେଖ ।

କ) ଆମ ରାଜ୍ୟ ଭାରତର କେଉଁ ଭାଗରେ ଅବସ୍ଥିତ ?

ଖ) ଆମ ରାଜ୍ୟକୁ ଲାଗି କେଉଁ କେଉଁ ରାଜ୍ୟ ଅଛି ?

ଗ) ଓଡ଼ିଶା କେତୋଟି ପ୍ରାକୃତିକ ବିଭାଗରେ ବିଭକ୍ତ ଓ ସେଗୁଡ଼ିକର ନାମ କ'ଣ ?

ଘ) ଓଡ଼ିଶାର ଉଚ୍ଚତମ ପର୍ବତ କିଏ ?

ଙ) ଆମ ରାଜ୍ୟର କେଉଁ କେଉଁ ଜିଲାରେ ବେଶି ଗରମ ଓ ବେଶି ଶୀତ ହୁଏ ?

ଚ) ତୁମ ଗାଁ / ସହରର ଜଳବାୟୁ କିପରି ?

ଛ) ଓଡ଼ିଶାର ଉପକୂଳ ଜିଲା ଗୁଡ଼ିକର ନାମ କଣ ?

ଜ) ଓଡ଼ିଶାର ପଶ୍ଚିମ ଭାଗରେ କେଉଁ କେଉଁ ଜିଲା ଅଛି ?

୪. ତଳେ ଲେଖା ଯାଇଥିବା ଉକ୍ତିଗୁଡ଼ିକୁ ଉପଯୁକ୍ତ ଘରେ ରଖ ।

ପାର୍ବତ୍ୟ ଅଞ୍ଚଳ

ମାଳ ଅଞ୍ଚଳ

ସମତଳ ଅଞ୍ଚଳ

* ଅତ୍ୟଧିକ ଥଣ୍ଡା ବା ଗରମ ହୁଏ ନାହିଁ
* ବହୁତ ଗରମ ହୁଏ
* ସମୁଦ୍ରର ପ୍ରଭାବ ଅନୁଭୂତ ହୁଏ
* କୃଷି କାର୍ଯ୍ୟ ଭଲ ହୁଏ
* ଭୂମି ଟାଙ୍ଗରା
* ଉଚ୍ଚ ପାହାଡ଼ ଦେଖାଯାଏ
* ଭୂମି ସମତଳ

## (ଘ) ଆମ ରାଜ୍ୟର ପ୍ରଧାନ ପ୍ରାକୃତିକ ସଂପଦ


**ନଦୀ, ପାହାଡ଼, ପର୍ବତ, ଜଙ୍ଗଲ, ଖଣିଜ ପଦାର୍ଥ, ଜମି, ଧାନ, ଚାଉଳ, ସୁନା, ରୂପା, ଟଙ୍କା ପଇସା ଇତ୍ୟାଦି ଆମର ସମ୍ପଦ । ଏଗୁଡ଼ିକ ମଧ୍ୟରୁ ଆମକୁ ମାଟି, ଜଳ, ଗଛଲତା, ଜୀବଜନ୍ତୁ , ଖଣିଜ ପଦାର୍ଥ ଆଦି ପ୍ରକୃତିରୁ ମିଳିଥାଏ । ତେଣୁ ପ୍ରକୃତିରୁ ମିଳୁଥିବା ଜିନିଷଗୁଡ଼ିକୁ ପ୍ରାକୃତିକ ସମ୍ପଦ କୁହାଯାଏ ।**



ଏହିଭଳି ତୁମ ଗାଁରେ, ଜିଲାରେ ଓ ରାଜ୍ୟରେ କି କି ସମ୍ପଦ ଅଛି ଓ ସେହି ସମ୍ପଦଗୁଡ଼ିକୁ କିପରି ବ୍ୟବହାର କଲେ ଆମ ରାଜ୍ୟର ଉନ୍ନତି ହୋଇପାରିବ,ଆସ ତଳେ ଦିଆଯାଇଥିବା ସାରଣୀରେ ଲେଖିବା ।

| ସମ୍ପଦର ନାମ | କିପରି ବ୍ୟବହାର କରିବା |
|---|---|
| ମୃତ୍ତିକା | ବିଭିନ୍ନ ପ୍ରକାର ଚାଷ କରି ଅର୍ଥ ଉପାର୍ଜନ କରିବା, ଇଟା ଗଢ଼ି ଘର ତିଆରି କରିବା, ରାସ୍ତା ଘାଟରେ ଥିବା ଖାଲଢିପକୁ ମାଟି ପକାଇ ସମାନ କରିବା, ବିଭିନ୍ନ ପ୍ରକାର ପାତ୍ର ଯଥା – ହାଣ୍ଡି, ମାଠିଆ ଗଢ଼ି ଓ ଏହାକୁ ବିକ୍ରି କରି ଅର୍ଥ ଉପାର୍ଜନ କରିବା ଇତ୍ୟାଦି । |
| ପଶୁ | |
| ଜଙ୍ଗଲ | |
| ଜଳ | |
| ଖଣିଜ ପଦାର୍ଥ<br>କ) ଲୁହା | |
| ଖ) କୋଇଲା | |

ଏଥିରୁ ଆମେ ଜାଣିଲେ, ପ୍ରାକୃତିକ ସମ୍ପଦ ମଧ୍ୟରୁ କେତୋଟି ପ୍ରଧାନ ସମ୍ପଦ ହେଉଛି – ମୃତ୍ତିକା ସମ୍ପଦ, ଖଣିଜ ସମ୍ପଦ, ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ପଶୁ ସମ୍ପଦ ଓ ମାନବ ସମ୍ପଦ । ଆସ, ଏଗୁଡ଼ିକ ଆମ ରାଜ୍ୟରେ କେଉଁଠାରେ ମିଳେ ଏବଂ ସେଗୁଡ଼ିକ କି କାମରେ ଲାଗେ ଜାଣିବା ।



## ୧) ମୃତ୍ତିକା ସମ୍ପଦ

ଆମ ରାଜ୍ୟରେ ବିଭିନ୍ନ ପ୍ରକାରର ମାଟି ଦେଖିବାକୁ ମିଳେ। ସମୁଦ୍ର କୂଳିଆ ମାଟିରେ ବାଲିର ପରିମାଣ ଅଧିକ ଥାଏ। ଏଥିରେ ଫସଲ ଭଲ ହୁଏ ନାହିଁ। ଏହାକୁ **ବାଲିଆମାଟି** କୁହାଯାଏ। ସମତଳ ଅଂଚଳର ମାଟିରେ ବାଲି ଓ ପଟୁ ମିଶିକରି ଥାଏ। ଏହିମାଟି ବହୁତ ଉର୍ବର। ଏଥିରେ ବିଭିନ୍ନ ପ୍ରକାର ଫସଲ ଭଲ ହୋଇଥାଏ। କେତେକ ଜିଲାରେ ମାଙ୍କଡ଼ା ପଥର ମିଳେ। ଏଗୁଡ଼ିକ ଘର ତିଆରିରେ ବ୍ୟବହାର କରାଯାଏ। ଆଉ କେତେକ ଅଂଚଳରେ **ବାଦାମୀ ରଙ୍ଗର ମାଟି** ଓ କଳାମାଟି ଦେଖାଯାଏ। **କଳାମାଟି** ଉର୍ବର ଓ ଚାଷ ଉପଯୋଗୀ। ବାଦାମୀ ରଙ୍ଗର ମାଟି ଉର୍ବର ନୁହେଁ, ତେଣୁ ଚାଷ ଉପଯୋଗୀ ନୁହେଁ। **ଲାଲ ମାଟି**ରେ ମଧ୍ୟ ଭଲ ଚାଷ ହୁଏ ନାହିଁ।

- ତୁମ ଅଞ୍ଚଳର ମାଟିକୁ ସଂଗ୍ରହ କର ଏବଂ ସେଗୁଡ଼ିକ କି କି ରଙ୍ଗର ଲେଖ।
- ତୁମ ଅଞ୍ଚଳରେ ଆଉ କେଉଁ କେଉଁ ପଥର ମିଳେ ଲେଖ।

ଆମ ରାଜ୍ୟର ମାଟିକୁ ସଂରକ୍ଷଣ କରିବା ଉଚିତ। ନହେଲେ ମାଟି ଧୋଇ ହୋଇଯିବ ଓ ପ୍ରଦୂଷିତ ହେବ। ଫଳରେ ମାଟିର ପରିମାଣ କମିଯିବ ଓ ମାଟିର ଉର୍ବରତା ହ୍ରାସ ପାଇବ। ମୃତ୍ତିକା କ୍ଷୟ ରୋକିବା ପାଇଁ ଆମେ ଯଥେଷ୍ଟ ପରିମାଣର ଗଛଲତା ଲଗାଇବା। ଏହା ପ୍ରଦୂଷିତ ନହେବା ପାଇଁ ଜରି ଓ ଏଥିରେ ମିଶୁନଥିବା ପଦାର୍ଥକୁ ମାଟିରେ ପକାଇବା ନାହିଁ।

**ତୁମେ ଜାଣ କି ?**

ଏକ ସେଣ୍ଟିମିଟର ମୃତ୍ତିକା ଗଠନ ପାଇଁ ଶହ ଶହ ବର୍ଷ ଲାଗିଥାଏ।



## ୨) ଜଳ ସମ୍ପଦ

ଆମ ରାଜ୍ୟରେ ଅଂଶୁପା ଓ ଚିଲିକା ହ୍ରଦ ଅଛି। ଅଂଶୁପାର ଜଳ ମଧୁର। ଏହା କଟକ ଜିଲ୍ଲାରେ ଅବସ୍ଥିତ। ଚିଲିକାର ଜଳ ଲୁଣିଆ। କାରଣ ଏହା ସମୁଦ୍ର ସହ ସଂଯୁକ୍ତ ହୋଇଛି। ଏହା ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାକୁ ଲାଗି ରହିଛି।

ଜଳ ହେଉଛି ଆମର ଅମୂଲ୍ୟ ସଂପଦ। ଜଳ ବିନା ଜୀବଜଗତ ବଂଚିପାରେ ନାହିଁ। ଜଳକୁ ଆମେ ଅନେକ କାର୍ଯ୍ୟରେ ଲଗାଇଥାଉ। **ତେଣୁ ଆମେ ଜଳକୁ ନଷ୍ଟ କରିବା ନାହିଁ।**

ଆମ ରାଜ୍ୟରେ ମହାନଦୀ, ଇବ୍, ବିରୂପା, କାଠଯୋଡ଼ି, ତେଲ, ହାତୀ, ଅଙ୍ଗ, ବ୍ରାହ୍ମଣୀ, ଋଷିକୁଲ୍ୟା, ବୁଢ଼ାବଳଙ୍ଗ, ଇନ୍ଦ୍ରାବତୀ, କୋଲାବ, ମାଛକୁଣ୍ଡ, ବଂଶଧାରା, ଶଙ୍ଖ, ଦୟା, ଭାର୍ଗବୀ, କୁଶଭଦ୍ରା, ସୁବର୍ଣ୍ଣରେଖା, ସାଳନ୍ଦୀ, ନାଗାବଳୀ, ବୈତରଣୀ ଓ ଅନ୍ୟାନ୍ୟ ଅନେକ ନଦୀ ବହି ଯାଇଅଛି।





■ ଏହା ବ୍ୟତୀତ ଯଦି ତୁମ ଅଂଚଳରେ କୌଣସି ନଦୀ ବହି ଯାଇଅଛି, ତା'ର ନାମ ଲେଖ-_______________

**ମହାନଦୀ** ଓଡ଼ିଶାର ଦୀର୍ଘତମ ନଦୀ । ଅଧିକାଂଶ ନଦୀ ବଙ୍ଗୋପସାଗରରେ ପଡ଼ିଛି । ତଥାପି ସମୟ ସମୟରେ ଜଳର ଉତ୍କଟ ଅଭାବ ଦେଖାଯାଏ । କାରଣ-ରାଜ୍ୟର ସବୁ ଅଂଚଳରେ ବର୍ଷା ସମାନ ପରିମାଣରେ ହୁଏ ନାହିଁ । ଓଡ଼ିଶାର ବିଭିନ୍ନ ଜାଗାରେ ଜଳର ଅଭାବ ଦୂର କରିବା ପାଇଁ ଅନେକ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେଉଛି । ନଦୀବନ୍ଧ ଆମର କେଉଁ କେଉଁ କାର୍ଯ୍ୟରେ ଲାଗୁଛି ଆସ ଜାଣିବା ।





କୃଷିକାର୍ଯ୍ୟ ପାଇଁ ଜଳସେଚନ
ଜଳଯୋଗାଣ
ବିଦ୍ୟୁତ୍ ଉତ୍ପାଦନ
ବନ୍ୟା ଓ ମରୁଡ଼ିରୁ ରକ୍ଷା
ମାଛଚାଷ

■ ମହାନଦୀରେ ସମ୍ବଲପୁର ଜିଲ୍ଲାର ହୀରାକୁଦଠାରେ ବନ୍ଧ ତିଆରି କରି ଜଳକୁ ସଂରକ୍ଷିତ ରଖାଯାଇଅଛି । ଏହା ପୃଥିବୀର ଦୀର୍ଘତମ ନଦୀବନ୍ଧ ଯୋଜନା । ଏହାଛଡ଼ା ରେଙ୍ଗାଲି, ଇନ୍ଦ୍ରାବତୀ, ପୋଟେରୁ ଆଦି ଅନେକ ନଦୀବନ୍ଧ ଯୋଜନା ଓଡ଼ିଶାରେ ଅଛି । ମାଟିତଳେ ମଧ୍ୟ ଜଳ ଅଛି । ଏହାକୁ କୂପ ବା ନଳକୂପ ସାହାଯ୍ୟରେ ବାହାର କରି ଆମେ ବିଭିନ୍ନ କାମରେ ଲଗାଇଥାଉ । ଆମେ ଆମ ଜଳସଂପଦର ସୁବିନିଯୋଗ କଲେ ଜଳାଭାବ ଦେଖାଯିବ ନାହିଁ ।



## ୩)     ଜଙ୍ଗଲ ସମ୍ପଦ

ଜଙ୍ଗଲ ଏକ ମୂଲ୍ୟବାନ ପ୍ରାକୃତିକ ସମ୍ପଦ । ଆମ ରାଜ୍ୟର ପାର୍ବତ୍ୟ ଓ ମାଳ ଅଞ୍ଚଳରେ ଘନ ଜଙ୍ଗଲ ଦେଖାଯାଏ । ଏହି ଜଙ୍ଗଲରେ ଶାଳ, ପିଆଶାଳ, ଶିଶୁ, କୁରୁମ, ଅସନ, ଗମ୍ଭାରୀ, ମହୁଲ, ଶାଗୁଆନ, ବାଉଁଶ, ବେତ ଆଦି ଗଛ ଦେଖାଯାଏ । ରାଜ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ଝାଉଁବଣ ଓ ହେନ୍ତାଳ ବଣ ଦେଖାଯାଏ । ଆମେ ଜଙ୍ଗଲରୁ ନିତି ଦିନିଆ ବ୍ୟବହାର ପାଇଁ ଅନେକ ଜିନିଷ ପାଇଥାଉ । ତଳେ ଗୋଲେଇରେ ଦିଆଯାଇଥିବା ଜିନିଷଗୁଡ଼ିକରୁ ଆମେ ଯେଉଁ ଗୁଡ଼ିକୁ ଜଙ୍ଗଲରୁ ପାଉଛେ ସେଗୁଡ଼ିକୁ ବାଛି ତଳେ ଖାଲି କୋଠରୀରେ ଲେଖ ।




ଜଙ୍ଗଲଜାତ ଦ୍ରବ୍ୟରୁ ଅତ୍ୟାବଶ୍ୟକ ପଦାର୍ଥମାନ ତିଆରି କରି ବିକ୍ରି କରାଯାଇଥାଏ । ଫଳରେ ଆମର ତଥା ରାଜ୍ୟର ଉନ୍ନତି ହୋଇଥାଏ । ଆମେ ଘର ତିଆରି ପାଇଁ ବାଉଁଶ ଓ କାଠ, ଗୃହ ଉପକରଣ ପାଇଁ କାଠ, କେନ୍ଦୁପତ୍ରରୁ ବିଡ଼ି, ସବାଇ ଘାସରୁ ଦଉଡ଼ି ଓ କାଗଜ, ଟୋଲ, ପୋଲାଙ୍ଗ ଓ ଶାଳ ମଞ୍ଜିରୁ ତେଲ ବାହାର କରି ବିକ୍ରି କରିଥାଉ ।

ଜଙ୍ଗଲରୁ ବିଭିନ୍ନ ପ୍ରକାର ଖାଦ୍ୟ, ଫଳ,ମୂଳ ମଧ୍ୟ ସଂଗ୍ରହ କରାଯାଇଥାଏ । ବାୟୁରେ ଅମ୍ଳଜାନ ପରିମାଣ ବୃଦ୍ଧି କରିବାରେ ଜଙ୍ଗଲ ସାହାଯ୍ୟ କରିଥାଏ । ଜଙ୍ଗଲ ଯୋଗୁ ବର୍ଷା ହୋଇଥାଏ । ପରିବେଶ ପ୍ରଦୂଷଣ ଓ ମୃତ୍ତିକା କ୍ଷୟକୁ ଜଙ୍ଗଲ ନିୟନ୍ତ୍ରଣ କରେ । ସେଥିପାଇଁ ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ହେଉଛି ଆମର କର୍ତ୍ତବ୍ୟ । **ଗଛକଟା ବନ୍ଦ କରିବା, ଜଙ୍ଗଲରେ ନିଆଁ ନ ଲଗାଇବା, ଟାଙ୍ଗରା ଭୂଇଁରେ ଗଛ ଲଗାଇ ନୂଆ ଜଙ୍ଗଲ ସୃଷ୍ଟି କରିବା ଆମର ପ୍ରଧାନ କର୍ତ୍ତବ୍ୟ ।** ଜଙ୍ଗଲ ରହିଲେ ବର୍ଷା ହେବ ଓ ମରୁଡ଼ିରୁ ରକ୍ଷା ମିଳିବ । ସାମାଜିକ ବନୀକରଣ ଯୋଜନା, ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦ୍ୱାରା ବୃକ୍ଷ ସମ୍ପଦର ବୃଦ୍ଧି ପାଇଁ ଚେଷ୍ଟା କରାଯାଇଛି ।

- **ଆମେ ଜଙ୍ଗଲ ସୁରକ୍ଷା କିପରି କରିବା ?**
  - ୧. ଗଛ କାଟିବା ନାହିଁ ।
  - ୨. ଜଙ୍ଗଲକୁ ନିଆଁ ଲାଗିବାରୁ ରକ୍ଷା କରିବା ।
  - ୩. ଜଙ୍ଗଲର ପଶୁପକ୍ଷୀଙ୍କୁ ସୁରକ୍ଷିତ ରଖିବା ।
  - ୪. କାଠର ବ୍ୟବହାର କମାଇବା ।


## ୪. ପଶୁ ସମ୍ପଦ


ଗାଈଗୋରୁ, ଛେଳି, ମେଣ୍ଢା, ଘୁଷୁରୀ, ମଇଁଷି ଆଦି ଆମର ଅନେକ ଗୃହପାଳିତ ପଶୁ ଅଛନ୍ତି । ସେମାନଙ୍କ ଠାରୁ ଆମେ ବହୁତ ଉପକାର ପାଇଥାଉ । ତେଣୁ ସେମାନେ ଆମର ଗୋଟିଏ ଗୋଟିଏ ସଂପଦ । ସେହିପରି ବାଘ, ଭାଲୁ, ହାତୀ, ହରିଣ, ସମ୍ବର, ଠେକୁଆ ଆଦି ବନ୍ୟପ୍ରାଣୀ ହେଉଛନ୍ତି ଆମର ପ୍ରାକୃତିକ ସଂପଦ ।

ମୟୂର, ବାଜପକ୍ଷୀ, କୋଚିଲାଖାଇ, ଶୁଆ, ଶାରୀ ଆଦି ପକ୍ଷୀମାନେ ମଧ୍ୟ ଆମର ପ୍ରାକୃତିକ ସଂପଦ । ଏମାନେ ଆମର ବହୁ ଉପକାର କରିଥାନ୍ତି । ଏ ସମସ୍ତ ପ୍ରାଣୀ ଆମ ପରିବେଶର ସୁରକ୍ଷାରେ ସାହାଯ୍ୟ କରିଥାନ୍ତି ।


ଏହିପରି ତୁମ ଅଞ୍ଚଳରେ ଦେଖାଯାଉଥିବା ଉପକାରୀ ପଶୁପକ୍ଷୀଙ୍କ ତାଲିକା କର ।

| ପଶୁଙ୍କ ନାମ | ପକ୍ଷୀଙ୍କ ନାମ |
|---|---|
| | |
| | |
| | |
| | |
| | |
| | |





- ଲୋକମାନେ ଶିକାର କରିବା ଦ୍ୱାରା ଜଙ୍ଗଲର ପଶୁପକ୍ଷୀଙ୍କ ସଂଖ୍ୟା ଧୀରେ ଧୀରେ କମିଯାଉଛି । ଫଳରେ ପରିବେଶ ନଷ୍ଟ ହେଉଛି । ପଶୁପକ୍ଷୀଙ୍କ ଶିକାର ସରକାରଙ୍କ ଦ୍ୱାରା ନିଷେଧ କରାଯାଇଛି । **ବଣର ପଶୁପକ୍ଷୀଙ୍କୁ ଶିକାର କରିବା ବା ସେମାନଙ୍କୁ ଆଣି ନିଜ ଘରେ ରଖିବା ଏକ ଦଣ୍ଡନୀୟ ଅପରାଧ ।**
- ତଳ ଚିତ୍ରକୁ ଦେଖି କେଉଁ ପ୍ରାଣୀ କେଉଁ ସଂରକ୍ଷଣ କେନ୍ଦ୍ରରେ ଅଛନ୍ତି ଖାଲିଘରେ ଲେଖ ।


















## ୫.  ଖଣିଜ ସମ୍ପଦ

ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମାଟି ତଳେ ବହୁ ପରିମାଣରେ ଲୁହାପଥର, କ୍ରୋମାଇଟ୍, ବକ୍ସାଇଟ୍, ମାଙ୍ଗାନିଜ, କୋଇଲା, ଅଭ୍ର, ଚୂନପଥର ପ୍ରଭୃତି ରହିଛି । ଏହି ସବୁ ସଂପଦ ଖଣିରୁ ମିଳୁଥିବାରୁ ଏଗୁଡ଼ିକୁ ଖଣିଜ ସଂପଦ କୁହାଯାଏ ।


ଲୁହା, ଆଲୁମିନିୟମ୍, ତମ୍ବା, ସୁନା ଇତ୍ୟାଦି ଧାତୁ ସିଧାସଳଖ ମାଟିତଳୁ ବାହାରି ନଥାଏ । ଏଥିରେ ଅନେକ ଅଦରକାରୀ ଜିନିଷ ମିଶି ଥାଏ । ବିଭିନ୍ନ ଉପାୟରେ ସେହି ଅଦରକାରୀ ଜିନିଷକୁ ବାହାର କରି ଦିଆଯାଏ ।  ଦରକାରୀ ଜିନିଷରୁ ବିଭିନ୍ନ ସାମଗ୍ରୀ ତିଆରି କରାଯାଇ ବିକ୍ରି କରାଯାଇ ଅର୍ଥ ଉପାର୍ଜନ କରାଯାଇଥାଏ ।


ନିମ୍ନରେ କେତୋଟି ଜିନିଷର ନାମ ଦିଆଯାଇଛି । ସେହି ଜିନିଷଟି କେଉଁ ପଦାର୍ଥରୁ ତିଆରି ହୋଇଛି ଆସ ଲେଖିବା ।

| ଜିନିଷର ନାମ | କେଉଁ ପଦାର୍ଥରୁ ତିଆରି |
|---|---|
| ଟାଙ୍ଗିଆ | ଲୁହା |
| ଡେକଚି | |
| ବିଜୁଳି ତାର | |
| ପେନ୍‌ସିଲ୍ ମୁନ | |

**ଖଣିଜ ପଦାର୍ଥ ଏକ ସୀମିତ ସମ୍ପଦ । ଏଣୁ ଏହାକୁ ଜଗି ରଖି ଆବଶ୍ୟକ ଅନୁଯାୟୀ ଖଣିରୁ କାଢ଼ିବା ଉଚିତ୍ । ନହେଲେ ଦିନ ଆସିବ ଯେତେବେଳେ ଆମ ରାଜ୍ୟ ଖଣିଜ ସମ୍ପଦ ଶୂନ୍ୟ ହୋଇଯିବ ।**

| ଖଣିଜ ପଦାର୍ଥର ନାମ | ଜିଲା / ସ୍ଥାନର ନାମ |
|---|---|
| ଲୁହାପଥର | କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଯାଜପୁର |
| ବକ୍ସାଇଟ୍ | କୋରାପୁଟ, ବଲାଙ୍ଗୀର, ସୁନ୍ଦରଗଡ଼, କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା |
| ଚୂନପଥର | କୋରାପୁଟ, ସୁନ୍ଦରଗଡ଼, ମୟୂରଭଞ୍ଜ, କଳାହାଣ୍ଡି |
| ଗ୍ରାଫାଇଟ୍ | କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ରାୟଗଡ଼ା |
| ମାଙ୍ଗାନିଜ ପଥର | ବଲାଙ୍ଗୀର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ନୂଆପଡ଼ା, ରାୟଗଡ଼ା |
| କୋଇଲା | ଝାରସୁଗଡ଼ା, ଅନୁଗୁଳ |
| କ୍ରୋମାଇଟ୍ | କେନ୍ଦୁଝର, ଯାଜପୁର |



### ୬. ମାନବ ସମ୍ପଦ

ପ୍ରକୃତିରେ ଥିବା ଜିନିଷଗୁଡ଼ିକ ଯଥା :- ପାଣି, ପବନ, ମାଟି, ପଶୁପକ୍ଷୀ, ବୃକ୍ଷଲତା (ଜଙ୍ଗଲ), ଖଣିଜ ସମ୍ପଦଗୁଡ଼ିକୁ ମଣିଷ ତାହାର ବୁଦ୍ଧି ବଳରେ ବିଭିନ୍ନ କାର୍ଯ୍ୟରେ ଲଗାଇଥାଏ। ଏହା ଦ୍ୱାରା ଦେଶ ଓ ରାଜ୍ୟର ଉନ୍ନତି ସାଧିତ ହୋଇଥାଏ। ଏଣୁ ମଣିଷ ହେଉଛି ଦେଶ ବା ରାଜ୍ୟର ଅତି ମୂଲ୍ୟବାନ ସମ୍ପଦ। ମଣିଷ ସୁସ୍ଥ ରହି କାର୍ଯ୍ୟ କରିବା ପାଇଁ ଅଧିକ ଶକ୍ତି ଆବଶ୍ୟକ କରେ। ଏହି ଶକ୍ତି ପାଇବା ପାଇଁ ଉତ୍ତମ ଖାଦ୍ୟ, ଉପଯୁକ୍ତ ପରିବେଶ ଓ ଶିକ୍ଷା ଏକାନ୍ତ ଆବଶ୍ୟକ। ଆମ ରାଜ୍ୟର ସାଧାରଣ ବର୍ଗ, ଜନଜାତି, ଅନୁସୂଚିତ ଜାତି ଓ ଉପଜାତିର ସମସ୍ତ ବର୍ଗର ଲୋକମାନେ ମାନବ ସମ୍ପଦର ଅନ୍ତର୍ଭୁକ୍ତ।

# ଅଭ୍ୟାସ

୧. ତୁମେ କେତେ ପ୍ରକାରର ମାଟି ଦେଖ। ଏହା କେଉଁ କେଉଁ ଅଞ୍ଚଳରେ ଦେଖାଯାଏ। ତୁମ ଅଞ୍ଚଳର ମାଟି କି ପ୍ରକାର ଅଟେ ?


୨. ଜଳ ଓ ଖଣିଜ ସମ୍ପଦକୁ ଜଗି ରଖି ବ୍ୟବହାର ନ କଲେ କ'ଣ ହେବ ?


୩. ଆମ ରାଜ୍ୟର ପାର୍ବତ୍ୟ ଓ ମାଳ ଅଞ୍ଚଳରେ କେଉଁ କେଉଁ ଗଛ ଥାଏ ଓ ତାକୁ ଆମେ କିପରି ବ୍ୟବହାର କରିଥାଉ ତଳ କୋଠରୀରେ ଲେଖ ।

| ପାର୍ବତ୍ୟ ଓ ମାଳ ଅଞ୍ଚଳରେ | କିପରି ବ୍ୟବହାର କରିଥାଉ ? |
|---|---|
| ଶାଳଗଛ | ଶାଳଗଛକୁ ଘର ତିଆରି କରିବା ପାଇଁ ବ୍ୟବହାର କରିଥାଉ ।<br>ଶାଳ ମଞ୍ଜିରୁ ତେଲ ବାହାର କରି ବ୍ୟବହାର କରୁ । |
| | |
| | |
| | |
| | |
| | |

୪. ଜଙ୍ଗଲଜାତ ଦ୍ରବ୍ୟରୁ କ'ଣ ତିଆରି ହୁଏ ତଳ କୋଠରୀରେ ଲେଖ ।

| **ଜଙ୍ଗଲ ଜାତ ଦ୍ରବ୍ୟ** | **କ'ଣ ତିଆରି ହୁଏ ?** |
|---|---|
| କାଠ | |
| ବାଉଁଶ | |
| ସବାଇଘାସ | |
| କେନ୍ଦୁପତ୍ର | |
| ପାଳୁଅ | |
| ଲାଖ | |
| ମହୁଲଫୁଲ | |





୫. ତୁମ ରାଜ୍ୟର ପଶୁ ସମ୍ପଦର ଗୋଟିଏ ତାଲିକା କର ।

ଜଙ୍ଗଲରେ ରହୁଥିବା .............................................................................

ଜଳରେ ରହୁଥିବା .............................................................................

ଘରେ ରହୁଥିବା .............................................................................

୬. କେଉଁ ଜିଲାରେ ଦେଖିବାକୁ ପାଇବା ? ଜିଲାର ନାମ (ପଚାରି ଲେଖ)

- ଶିମିଳପାଳ ଜୈବ ମଣ୍ଡଳ ______________________
- ଚନ୍ଦକା ଅଭୟାରଣ୍ୟ ______________________
- ଭିତର କନିକା ସଂରକ୍ଷଣ କେନ୍ଦ୍ର ______________________
- ଟିକରପଡ଼ା ସଂରକ୍ଷଣ କେନ୍ଦ୍ର ______________________
- ଗହୀରମଥା ଅଭୟାରଣ୍ୟ ______________________
- ସାତପଡ଼ା ସଂରକ୍ଷଣ କେନ୍ଦ୍ର ______________________

୭. ଜଙ୍ଗଲ ଦ୍ୱାରା ଆମ ରାଜ୍ୟର କ'ଣ ଉନ୍ନତି ହେଉଛି ଲେଖ ।

______________________________________________

______________________________________________

______________________________________________

______________________________________________

୮. ଆମେ ଆମ ରାଜ୍ୟର ପଶୁ ସମ୍ପଦର ସୁରକ୍ଷା କରିବା କାହିଁକି ?

______________________________________________

______________________________________________

୯. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

କ) କେଉଁ ଜିଲାରେ ଲୁହାପଥର ମିଳେ ? ______________________

ଖ) ଆମ ରାଜ୍ୟରେ କେଉଁ କେଉଁ ଖଣିଜ ପଦାର୍ଥ ମିଳେ ? ______________________

୧୦. ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଲେଖ ?

କ) କେଉଁଟି ଆମ ରାଜ୍ୟରେ ମିଳେ ନାହିଁ ?

(ଲୁହା, ତମ୍ବା, ବକ୍ସାଇଟ୍, ଅଭ୍ର) ____________

ଖ) କେଉଁଟି ଖଣିଜ ସମ୍ପଦ ନୁହେଁ ?

(କୋଇଲା, ଲୁହାପଥର, ଚୂନପଥର, ବିଦ୍ୟୁତଶକ୍ତି) ____________

## (ଙ) ଆମ ରାଜ୍ୟର ଅଧିବାସୀମାନଙ୍କର ପ୍ରଧାନ ବୃତ୍ତି, କୃଷିଜାତ ଦ୍ରବ୍ୟ ଓ ଶିଳ୍ପ



### ୧. ଆମ ରାଜ୍ୟର ବିଭିନ୍ନ ଫସଲ



ଜମିରେ କି କି ଫସଲ ହୁଏ, ଆସ ତା'ର ତାଲିକା କରିବା।

ଧାନ ଆମର ପ୍ରଧାନ ଫସଲ। ଧାନଚାଷ ପାଇଁ ସମତଳ ଭୂମି, ଉର୍ବର ମାଟି ଓ ପାଣିର ସୁବିଧା ଆବଶ୍ୟକ। ଉପକୂଳ ଅଂଚଳରେ ଏହିସବୁ ସୁବିଧା ଥିବାରୁ ଏଠାରେ ପ୍ରଚୁର ପରିମାଣରେ ଧାନଚାଷ ହୁଏ।

- କେଉଁ ଜିଲାଗୁଡ଼ିକରେ ପ୍ରଚୁର ପରିମାଣର ଧାନଚାଷ ହୁଏ ଲେଖ।


______________________________________________

ବିଭିନ୍ନ ପ୍ରକାର ପନିପରିବା ଯଥା ଆଳୁ, ବାଇଗଣ, କୋବି, ଜହ୍ନି, ଭେଣ୍ଡି, କାଙ୍କଡ଼, ବିଲାତି ବାଇଗଣ ଇତ୍ୟାଦି ପ୍ରାୟ ସବୁ ଜିଲାରେ ଚାଷ କରାଯାଏ।

ଆମ ରାଜ୍ୟର ଯେଉଁ ଅଞ୍ଚଳ ବା ଜିଲାଗୁଡ଼ିକ ସମୁଦ୍ର କୂଳରେ ଅବସ୍ଥିତ ତାହାକୁ ଉପକୂଳ ଅଞ୍ଚଳ କୁହାଯାଏ। ଯଥା - କେନ୍ଦ୍ରପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ, ଭଦ୍ରକ ଓ ବାଲେଶ୍ୱର।

ଗହମ, ମକା, ବାଜରା ଓ ମାଣ୍ଡିଆ ରାଜ୍ୟର ଅନେକ ଜିଲାରେ ଚାଷ କରାଯାଏ। ମକା, ବାଜରା ଓ ମାଣ୍ଡିଆ ଚାଷ ମାଳ ଅଂଚଳରେ ଅଧିକ ହୁଏ।

- **ଶସ୍ୟଜାତୀୟ ଫସଲ -** ଆମେ ମୁଖ୍ୟ ଖାଦ୍ୟରୂପେ ଧାନ, ଗହମ, ବାଜରା ଇତ୍ୟାଦି ଫସଲକୁ ବ୍ୟବହାର କରିଥାଉ। ସେସବୁକୁ ଶସ୍ୟ ଜାତୀୟ ଫସଲ କୁହାଯାଏ।
- **ଡାଲି ଜାତୀୟ ଫସଲ -** ଯେଉଁ ଫସଲକୁ ଆମେ ଡାଲି ରୂପରେ ବ୍ୟବହାର କରି ଖାଉ, ତାକୁ ଡାଲି ଜାତୀୟ ଫସଲ କୁହାଯାଏ।
- **ତୈଳବୀଜ -** ଯେଉଁ ଫସଲରୁ ତେଲ ବାହାର କରାଯାଇଥାଏ, ତାକୁ ତୈଳବୀଜ କୁହାଯାଏ।
- **ଅର୍ଥକରୀ ଫସଲ -** ଯେଉଁ ଫସଲକୁ ସାଧାରଣତଃ ବିକ୍ରି ପାଇଁ ଉତ୍ପାଦନ କରାଯାଏ, ତାହାକୁ ଅର୍ଥକରୀ ଶସ୍ୟ ଜାତୀୟ ଫସଲ କୁହାଯାଏ।



ତଳେ ଦିଆଯାଇଥିବା ଫସଲ ମଧ୍ୟରୁ ଡାଲି ଜାତୀୟ, ତୈଳବୀଜ, ଅର୍ଥକରୀ ଫସଲଗୁଡ଼ିକୁ ବାଛି ଅଲଗା ଲେଖ ।

ମୁଗ, ନଡ଼ିଆ, ବିରି, କୋଳଥ, ଝୋଟ, ଆଖୁ, ରାଶି, ହଳଦୀ, ଜଡ଼ା, ହରଡ଼, ଚିନାବାଦାମ, ବୁଟ, କାନ୍ଦୁଲ, ଲଙ୍କାଆମ୍ବ, ସୋରିଷ, ଧାନ, ଗହମ

| ଡାଲି ଜାତୀୟ | ତୈଳବୀଜ | ଅର୍ଥକାରୀ ଫସଲ | ଶସ୍ୟଜାତୀୟ |
|---|---|---|---|
| | | | |

ଏହା ବ୍ୟତୀତ ଆଉ କେତେକ ଫସଲ ଆମ ରାଜ୍ୟର ବିଭିନ୍ନ ଜିଲାରେ ଚାଷ କରାଯାଏ । କିନ୍ତୁ ଆମ ରାଜ୍ୟର ଜଳବାୟୁ, ବର୍ଷା ଓ ମାଟି ଅନୁଯାୟୀ କେଉଁ ଜିଲାରେ ବହୁତ ପରିମାଣରେ ତ କେଉଁ ଜିଲାରେ କମ୍ ପରିମାଣରେ ଚାଷ ହୁଏ ।

ତୁମ ଜିଲାରେ କେଉଁ ଫସଲ କରାଯାଏ, ନିମ୍ନ ସାରଣୀରେ ଲେଖ ।

| ଜିଲାର ନାମ | ଚାଷ ହେଉଥିବା ଫସଲର ନାମ |
|---|---|
| | |

## ୨. ବୃତ୍ତି



ଆମ ରାଜ୍ୟର ଅନେକ ଲୋକ କୃଷି କାର୍ଯ୍ୟ କରନ୍ତି । କେତେକ ଲୋକ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳିଥାନ୍ତି । ଆଉ କେତେକ ମାଟି ତଳୁ ଖଣିଜଦ୍ରବ୍ୟ ବାହାର କରି କାମ କରନ୍ତି । ଅନେକ ଲୋକ ମଧ୍ୟ ମାଛ ଧରି ପେଟ ପୋଷନ୍ତି ।

ଆମ ରାଜ୍ୟରେ ଥିବା ଛୋଟ ବଡ଼ ଅନେକ କଳକାରଖାନା ଅଛି । ସେଥିରେ ମଧ୍ୟ କିଛି ଲୋକ କୁଶଳୀ କାରିଗର ରୂପେ କାମ କରିଥାନ୍ତି ।  କେହି  କେହି ବିଭିନ୍ନ ବ୍ୟବସାୟ କରି ପେଟ ପୋଷନ୍ତି ।

ଏହା ବ୍ୟତୀତ କେତେକ ଲୋକ ଲୁଗା ବୁଣିବା, ରୂପାର ତାରକସି କାମ କରିବା, ଶିଙ୍ଗକାମ କରିବା, ପିତ୍ତଳ ବାସନ ତିଆରି କରିବା, ମସିଣା ବୁଣିବା, ଚାନ୍ଦୁଆ ତିଆରି କରିବା ଆଦି କାମ କରିଥାନ୍ତି ।




ତୁମେ ଜାଣିଥିବା ଆଉ କେଉଁ କେଉଁ କାମ କରି ଲୋକମାନେ ପେଟ ପୋଷନ୍ତି ଲେଖ ।

କେତେକ ଲୋକ ଆମ ରାଜ୍ୟର ବିଭିନ୍ନ ସଂସ୍ଥାରେ କାର୍ଯ୍ୟକରି ଜୀବିକା ନିର୍ବାହ କରିଥାନ୍ତି ।

### ୩. ଶିଳ୍ପ

ଆମ ରାଜ୍ୟରେ ପ୍ରଚୁର ପ୍ରାକୃତିକ ସମ୍ପଦ ଥିବାରୁ ବିଭିନ୍ନ ଅଂଚଳରେ ଅନେକ ଛୋଟ ବଡ଼ କଳକାରଖାନା ଗଢ଼ି ଉଠିଛି । ତୁମେ ଜାଣିଥିବା କେତେକ କଳକାରଖାନାର ନାମ ତାଲିକା କର ।

କଳକାରଖାନା ମଧ୍ୟରୁ ରାଉରକେଲାରେ ଇସ୍ପାତ କାରଖାନା, ଦାମନଯୋଡ଼ି ଓ ଅନୁଗୁଳରେ ଆଲୁମିନିୟମ୍ କାରଖାନା, ରାଜଗାଙ୍ଗପୁର ଓ ବରଗଡ଼ରେ ସିମେଣ୍ଟ କାରଖାନା ଏବଂ ପାରାଦ୍ୱୀପଠାରେ ସାର କାରଖାନା ଅଛି । ଜୟପୁର, ବାଲେଶ୍ୱର ଓ ରାୟଗଡ଼ାଠାରେ କାଗଜ କଳ ଅଛି । ବରଗଡ଼, ଢ଼େଙ୍କାନାଳ, ନୟାଗଡ଼, ବଡ଼ମ୍ବା, ରାୟଗଡ଼ା ଓ ଆସ୍କାଠାରେ ଚିନିକଳ ରହିଅଛି । ଅନ୍ୟାନ୍ୟ କାରଖାନା ମଧ୍ୟରୁ ସୁନାବେଡ଼ାର ମିଗ୍ ବିମାନ ତିଆରି କାରଖାନା ଓ ମଞ୍ଚେଶ୍ୱରର ରେଳଡ଼ବା ମରାମତି କାରଖାନା ପ୍ରଧାନ । ବଲାଙ୍ଗୀର ଜିଲାର ସଇଁତଲାରେ ଗୋଳାବାରୁଦ ତିଆରି କାରଖାନା ଅଛି । ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ଜିଲାର ଶିଳ୍ପାଞ୍ଚଳରେ ଅନେକ ଛୋଟ ବଡ଼ ଶିଳ୍ପକାରଖାନା ଗଢ଼ି ଉଠିଛି । କଳିଙ୍ଗନଗର, ଝାରସୁଗୁଡ଼ା, ବଡ଼ବିଲ୍, ଯୋଡ଼ା, ମଙ୍ଗୁଳି, ଢ଼େଙ୍କାନାଳ, ଆଠଗଡ଼ରେ ଲୌହ ଇସ୍ପାତ ଶିଳ୍ପ, ଚୌଦ୍ୱାରରେ ଚାର୍ଜକ୍ରୋମ, ଯାଜପୁରରୋଡ଼ରେ ଫେରୋକ୍ରୋମ୍, ଢ଼େଙ୍କାନାଳ ଓ ବାଲେଶ୍ୱରରେ ଟାୟାର କାରଖାନା ଅଛି । ତୁମ ଅଞ୍ଚଳରେ ଆଉ କେଉଁ ସବୁ ଶିଳ୍ପ ଯଦି ଅଛି ତେବେ ସେଗୁଡ଼ିକର ନାମ ଲେଖ ।





ଇସ୍ପାତ କାରଖାନା



ଆଲୁମିନିୟମ୍ କାରଖାନା

## ହସ୍ତଶିଳ୍ପ



ବିଭିନ୍ନ ଜିଲାରେ ଅନେକ ହସ୍ତଶିଳ୍ପ କେନ୍ଦ୍ର ରହିଛି । ସେଥିମଧ୍ୟରୁ କଟକର ତାରକସି କାମ, ଗଜପତି ଜିଲାର ଶିଙ୍ଗକାମ, ବାଲେଶ୍ୱର ଜିଲାରେ ନୀଳଗିରିର ପଥର ବାସନ, ପୁରୀ ଜିଲାରେ ପିପିଲିର ଚାନ୍ଦୁଆ, ଗଞ୍ଜାମ ଜିଲାରେ ବ୍ରହ୍ମପୁର ପାଟ, ବାଳକାଟି, ଭଟିମୁଣ୍ଡା, ଓ ଭୁବନର କଂସାବାସନ, ସୋନପୁର, ସମ୍ବଲପୁର, ବରଗଡ଼ ଓ ଆଠଗଡ଼ର ମାଣିଆବନ୍ଧ ତନ୍ତବୁଣା ଲୁଗା, ମୟୁରଭଞ୍ଜର ସବାଇଘାସରୁ ତିଆରି ଜିନିଷ ଆଦି ପ୍ରଧାନ । ଓଡ଼ିଶାର ହାତ ତିଆରି ଜିନିଷ ଦେଶ ବିଦେଶରେ ଅଧିକ ଆଦର ଲାଭ କରିଛି ।



ତନ୍ତବୁଣା ଲୁଗା



ତୁମ ଅଞ୍ଚଳରେ କିଛି ହସ୍ତଶିଳ୍ପ ଥିଲେ ତାହାର ଏକ ତାଲିକା କର ।

# ଅଭ୍ୟାସ

୧. ଦୁଇଟି ତୈଳବୀଜର ନାମ ଲେଖ। ______________________________

୨. ଦୁଇଟି ଡାଲି ଜାତୀୟ ଫସଲର ନାମ ଲେଖ । ______________________________

୩. ଝୋଟ କି ପ୍ରକାର ଫସଲ ? ______________________________

୪. ୪ଟି ଅର୍ଥକରୀ ଫସଲର ନାମ ଲେଖ। ______________________________


୫. ଆମ ରାଜ୍ୟରେ ଅନେକ ପ୍ରକାର ଫସଲ ଅଧିକ ଅମଳ ହେଲେ ତାହା ଆମର ଓ ଆମ ରାଜ୍ୟର ଉନ୍ନତିରେ କିପରି ସାହାଯ୍ୟ କରିବ ?

__________________________________________________________

__________________________________________________________

୬. ତଳେ ଦିଆଯାଇଥିବା ଖାଲିଘର ପୂରଣ କର।

| ସ୍ଥାନର ନାମ | କି କି କଳକାରଖାନା ଅଛି |
|---|---|
| ରାଉରକେଲା | ଇସ୍ପାତ କାରଖାନା |
| ବରଗଡ଼ | |
| | ସାର କାରଖାନା |
| ଅନୁଗୁଳ | |
| | ସିମେଣ୍ଟ କାରଖାନା |
| ସୁନାବେଡା | |
| | କାଗଜ କଳ |
| | ଚିନି କଳ |



୨. ଆମ ରାଜ୍ୟର ବିଭିନ୍ନ କଳକାରଖାନା ତଳ କୋଠରୀରେ ଲେଖ । (ଉଦାହରଣ ଦେଖ)

| | କଳକାରଖାନା | ସ୍ଥାନ | ଜିଲା |
|---|---|---|---|
| ୧. | ସାର କାରଖାନା | ପାରାଦ୍ୱୀପ | ଜ |

୩. ବାକ୍ସରେ ଥିବା ଖାଲିସ୍ଥାନ ପୂରଣ କର ।

| ହସ୍ତଶିଳ୍ପର ନାମ | ସ୍ଥାନର ନାମ |
|---|---|
| ଚାନ୍ଦୁଆ | ପୁରୀ ଜିଲାର ପିପିଲି |
| ପଥର ବାସନ | |
| ତାରକସି କାମ | |
| କଂସାବାସନ | |

୪. ଆମ ରାଜ୍ୟରେ ଅନେକ ଲୌହଶିଳ୍ପ କାହିଁକି ଗଢ଼ି ଉଠିଛି ?

___

___

___

୫. ଆମ ରାଜ୍ୟରେ ଅଧିକ ଶିଳ୍ପ ପ୍ରତିଷ୍ଠା ହେଲେ ତାହା ଆମକୁ କିପରି ସାହାଯ୍ୟ କରିବ ?

___

___

___



## (ଚ) ଆମ ରାଜ୍ୟର କେତେକ ସ୍ୱତନ୍ତ୍ର ସଂପ୍ରଦାୟର ଅଧିବାସୀ

ସାଧାରଣତଃ ଆମ ରାଜ୍ୟର ମାଳ ଓ ପାର୍ବତ୍ୟ ଅଞ୍ଚଳରେ ଆଦିମ ଅଧିବାସୀମାନେ ବାସ କରନ୍ତି । ସେମାନଙ୍କ ମଧ୍ୟରେ କନ୍ଧ, କୋହ୍ଲ, କୁଇ, ସାନ୍ତାଳ, ସଉରା, ପରଜା ଆଦି ପ୍ରଧାନ । ସେହି ଅଧିବାସୀମାନେ ବହୁ ପ୍ରାଚୀନ କାଳରୁ ଆମ ରାଜ୍ୟରେ ବସବାସ କରି ଆସୁଛନ୍ତି ।



**କନ୍ଧ**ମାନେ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ ଓ ରାୟଗଡ଼ା ଜିଲାରେ ବେଶୀ ସଂଖ୍ୟାରେ ବାସ କରିଥାନ୍ତି ।



**ସାନ୍ତାଳ**ମାନେ ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ଅଧିକ ଦେଖାଯାଆନ୍ତି ।



**କୋହ୍ଲ**ମାନଙ୍କର ସଂଖ୍ୟା ଆମ ରାଜ୍ୟର ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ଅଧିକ ଥାଏ ।



**ସଉରା**ମାନେ ରାୟଗଡ଼ା, ଗଜପତି ଓ ଶବରମାନେ ସମ୍ବଲପୁର ଜିଲାରେ ଅଧିକ ସଂଖ୍ୟାରେ ବସବାସ କରିଥାନ୍ତି ।

କନ୍ଧମାନେ ଧାନ, ମାଣ୍ଡିଆ ଓ ମକା ଚାଷ କରିଥାଆନ୍ତି। ସାନ୍ତାଳମାନେ ସାଧାରଣତଃ ଧାନ, ବାଜରା, ମକା ପ୍ରଭୃତି ଚାଷ ଉପରେ ନିର୍ଭର କରିଥାନ୍ତି। କୋହ୍ଲମାନେ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଓ ଚାଷବାସ କରି ଜୀବିକା ନିର୍ବାହ କରିଥାନ୍ତି। ଚାଷବାସ ହେଉଛି ପରଦା, ଗଦବା ଓ ସଉରାମାନଙ୍କର ପ୍ରଧାନ କାର୍ଯ୍ୟ। ସାଧାରଣତଃ ଧାନ, ହଳଦୀ, ଅଦା ଓ ଡାଲି ଜାତୀୟ ଫସଲ ଏମାନେ ଚାଷ କରନ୍ତି।





ଏହି ସବୁ ଅଧିବାସୀମାନଙ୍କର ଘର ସାଧାରଣତଃ କାଠ, ବାଉଁଶ ଓ ମାଟିରେ ତିଆରି ହୋଇଥାଏ। ବିଭିନ୍ନ ରଙ୍ଗର ଚିତ୍ର ଆଙ୍କି ସେମାନେ ଘରର କାନ୍ଥକୁ ଚିତ୍ରିତ କରିଥାନ୍ତି। ସେମାନେ ବିଭିନ୍ନ ପର୍ବପର୍ବାଣି ପାଳିଥାନ୍ତି ଓ ପର୍ବପର୍ବାଣି ପାଳନ ସମୟରେ ନାଚଗୀତର ଆୟୋଜନ କରିଥାନ୍ତି। ସେମାନେ ପିନ୍ଧୁଥିବା ପୋଷାକ, ବ୍ୟବହାର କରୁଥିବା ଗହଣା, ଯନ୍ତ୍ରପାତି, ହାଣ୍ଡି, ପାଣିପାତ୍ର, ଆଙ୍କୁଥିବା ଚିତ୍ର ଆଦିର ବିଶେଷତ୍ୱ ଅଛି। ଏସବୁ ସେମାନଙ୍କର କଳା ଓ ସଂସ୍କୃତିର ପରିଚୟ ଦିଏ।

ଏବେ ଆମ ରାଜ୍ୟର ଆଦିବାସୀମାନଙ୍କର ଚଳଣିରେ ଅନେକ ପରିବର୍ତ୍ତନ ଆସିଲାଣି। ସେମାନେ ପାଠ ପଢ଼ି ଶିକ୍ଷିତ ହେଲେଣି ଓ ବିଭିନ୍ନ କର୍ମ ସଂସ୍ଥାରେ କାମ କଲେଣି। କେନ୍ଦ୍ର ସରକାର ଓ ରାଜ୍ୟସରକାର ସେମାନଙ୍କ ପାଇଁ ବହୁ ଯୋଜନା କରୁଛନ୍ତି।

## ଅଭ୍ୟାସ

୧. କୋଠରୀରେ କେତେକ ଆଦିବାସୀମାନଙ୍କ ନାମ ଦିଆଯାଇଅଛି। ସେମାନେ କେଉଁ କେଉଁ ଜିଲାରେ ଅଧିକ ସଂଖ୍ୟାରେ ବାସ କରନ୍ତି ଲେଖ।

| ଆଦିବାସୀଙ୍କ ନାମ | ବାସ କରୁଥିବା ଜିଲାର ନାମ |
|---|---|
| କନ୍ଧ | |
| କୋହ୍ଲ | |
| ସାନ୍ତାଳ | |
| ସଉରା | |

୨. ତୁମେ ଜାଣିଥିବା ଆଦିବାସୀମାନଙ୍କର ଜୀବନ ଯାପନ ପ୍ରଣାଳୀ ତଳ ସୂଚନା ଅନୁଯାୟୀ ନିଜ ଖାତାରେ ଲେଖ ।

(କ) ପୋଷାକ

(ଖ) ଜୀବିକା

(ଗ) ଖାଦ୍ୟ

(ଘ) ପର୍ବପର୍ବାଣି

୩. ତୁମେ କନ୍ଧମାଳ ଜିଲାକୁ ବୁଲିଗଲେ କେଉଁ ଆଦିବାସୀମାନଙ୍କୁ ଦେଖିବାକୁ ପାଇବ ?

________________________________________

୪. ତୁମ ସାଙ୍ଗ ଯଦି ସୁନ୍ଦରଗଡ଼, କୋରାପୁଟ ଓ ଗଜପତି ଜିଲାକୁ ବୁଲିଯିବ ତେବେ କେଉଁ କେଉଁ ସଂପ୍ରଦାୟର ଅଧିବାସୀଙ୍କୁ ଦେଖିପାରିବ ?

________________________________________

________________________________________

________________________________________

________________________________________

୫. ଆମେ ସମସ୍ତେ କାହିଁକି ଆଦିବାସୀମାନଙ୍କର ଉନ୍ନତି ପାଇଁ ଚେଷ୍ଟା କରିବା ?

________________________________________

________________________________________

୬. ଏମାନେ କି କି ପ୍ରକାରର ଗୃହବାସ କରିଥାନ୍ତି ?

କନ୍ଧ –

ସାନ୍ତାଳ–

କୋହ୍ଲ–

ସଉରା –

